**The Pragativadi**
**Date: 22.09.2018**

■ ଆଇଆଇଟିର ୭ମ ସମାବର୍ତ୍ତନ ଉତ୍ସବ

# ୩୩୨ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯିବ

• ଜଟଣୀ,ପିଏନ୍ଏସ



ଜଟଣୀସ୍ଥିତ ଇଣ୍ଡିଆନ୍ ଇନିଷ୍ଟିଚ୍ୟୁଟ୍ ଅଫ୍ ଟେକେନୋଲୋଜି (ଆଇଆଇଟି)ର ସପ୍ତମ ସମାବର୍ତ୍ତନ ଉତ୍ସବ ଶନିବାର ନିଜସ୍ୱ କ୍ୟାମ୍ପସ୍ରେ ଅନୁଷ୍ଠିତ ହେବ। ଏଥିପାଇଁ ଶିକ୍ଷାନୁଷ୍ଠାନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବରେ କେନ୍ଦ୍ର ସରକାରଙ୍କ ସାଇନସ୍ ଆଣ୍ଡ ଟେକ୍ନୋଲୋଜି ବିଭାଗର ସେକ୍ରେଟାରୀ ପ୍ରଫେସର ଆଶୁତୋଷ ଶର୍ମା ଯୋଗଦେଇ ନିଜର ଅଭିଭାଷଣ ପ୍ରଦାନ କରିବେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ଅଧ୍ୟକ୍ଷ ତଥା ବୋର୍ଡ଼ ଅଫ୍ ଗର୍ଭର୍ଣ୍ଣର ପଙ୍କଜ ରମନ ପଟେଲ ଏବଂ ଆଇଆଇଟିର ନିର୍ଦ୍ଦେଶକ ଆର.ଭି. ରାଜକୁମାର ଯୋଗଦେଇ ନିର୍ଦ୍ଦେଶକ ରିପୋର୍ଟ ପ୍ରଦାନ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ଡ଼ିଗ୍ରୀ ପ୍ରଦାନ କରାଯିବ ବୋଲି ଶୁକ୍ରବାର ଏକ ସାମ୍ବଦିକ ସମ୍ମିଳନୀରେ ନିର୍ଦ୍ଦେଶକ ସୂଚନା ଦେଇଥିଲେ। ଏହି ପରିପେକ୍ଷୀରେ ବିଟେକ୍ର ମେକାନିକାଲ୍ ବିଭାଗର ଛାତ୍ର ନନ୍ଦୁରୀ ଦିବାକରଙ୍କୁ ରାଷ୍ଟ୍ରପତିଙ୍କ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବା ସହ ଏମ୍ଟେକ୍ ଛାତ୍ର ଦେବଲିନା ମୁଖାର୍ଜୀଙ୍କୁ ନିର୍ଦ୍ଦେଶକ ସ୍ୱର୍ଣ୍ଣ ପଦକ ପ୍ରଦନ କରିବେ। ସେହିପରି ଏମଏଏସି ଛାତ୍ର ସୟନ ରାୟଙ୍କୁ ମଧ୍ୟ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଏଥିସହ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରାୟ ୧୫ଜଣ ଛାତ୍ରଛାତ୍ରୀଙ୍କୁ ରୋପ୍ୟ ପଦକ ପ୍ରଦାନ କରାଯିବ ବୋଲି ଆଇଆଇଟିର ନିର୍ଦ୍ଦେଶକ ଆର.ଭି. ରାଜକୁମାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଏଥିସହ ଆଇଆଇଟି ଭୁବନେଶ୍ୱରରେ ସରକାରଙ୍କ ଅନୁଦାନ ଯୋଗୁଁ ବିଭିନ୍ନ କାର୍ଯ୍ୟ ଆଗେଇ ଚାଲିଛି। ଏଠାରେ ୧୭୬୫ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ରହିବା ପାଇଁ ଛାତ୍ରାବାସ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏଠାରେ ଅନ୍ୟାନ୍ୟ ବିଭିନ୍ନ ଗବେଷଣା ମଧ୍ୟ କରାଯାଉଛି ଯାହାକି ଆଗାମୀ ଦିନରେ ଫଳପ୍ରଦ ହୋଇ ପାରିବ ବୋଲି ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଭି.ଆର. ପେଡ଼ିରେଡ଼ି, ଦେବରାଜ ରଥ,କୈଳାଶ ରଞ୍ଜନସାହୁ ଏବଂ ଆର୍.କେ. ପଣ୍ଡା ପ୍ରମୁଖ ଉପସ୍ଥିତଥିଲେ।